# ଶ୍ରୀଜୟଦେବ ଓ ଗୀତଗୋବିନ୍ଦ ଖଣ୍ଡୁଆ

● ଶ୍ରୀ ଅଜିତ୍ କୁମାର ତ୍ରିପାଠୀ

ଜ୍ଞାନପୀଠ ପୁରସ୍କାର ପ୍ରାପ୍ତ ଓଡ଼ିଶାର ମହାକବି ଶ୍ରୀ ସଚ୍ଚିଦାନନ୍ଦ ରାଉତରାୟଙ୍କ ମତରେ ଭକ୍ତକବି ଶ୍ରୀଜୟଦେବ ବଙ୍ଗ ଦେଶର ବୀରଭୂମ୍ ଜିଲ୍ଲାର ଅଜୟ ନଦୀ କୂଳରେ ଥିବା କେନ୍ଦୁଲୀ ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ । କେନ୍ଦୁଲୀ ନାମରେ ଯେ ସେଠାରେ କୌଣସି ଗ୍ରାମ ନାହିଁ ଏବଂ ସେଠାରେ ରାଧାମାଧବଙ୍କର କୌଣସି ପୁରାତନ ମନ୍ଦିର ନାହିଁ, ଏକଥା ସେ ମାନିବାକୁ ପ୍ରସ୍ତୁତ ନୁହଁନ୍ତି । କେନ୍ଦୁଲୀ କେବଳ ଗୋଟିଏ ବାଉଲ ମେଳାର ନାମ, ଯେଉଁଠାରେ ବାଉଲ ଗାନକାରୀମାନେ ରାତିସାରା ବାଦ୍ୟ ବଜାଇ ରାଧାକୃଷ୍ଣଙ୍କ ପ୍ରେମଭକ୍ତି ଗୀତ ଗାନ କରନ୍ତି ଏବଂ ଏ ମେଳାକୁ ଊନବିଂଶ ଶତାବ୍ଦୀ ପରଠାରୁ 'ଜୟଦେବ କେନ୍ଦୁଲୀ ମେଳା' କହିବା ଆରମ୍ଭ କରାଗଲା ।

ମହାକବି ରାଉତରାୟ ନା ଓଡ଼ିଶା କେନ୍ଦୁଲୀକୁ ଦେଖିଛନ୍ତି ନା ବଙ୍ଗର ତଥାକଥିତ କେନ୍ଦୁଲୀ ଦେଖିଛନ୍ତି । ଦୁଇଟିଯାକ ସ୍ଥାନ ବୁଲି ଦେଖିଥିବା ଓ ଗୀତଗୋବିନ୍ଦ ଉପରେ ଗବେଷଣା କରି ଅପୂର୍ବ ଜ୍ଞାନ ଲାଭ କରିଥିବା ସ୍ୱର୍ଗତ ପଣ୍ଡିତ ନୀଳମଣି ମିଶ୍ରଙ୍କର ଗବେଷଣାଲବ୍ଧ ଜ୍ଞାନ ଯେତେବେଳେ ଶ୍ରୀ ରାଉତରାୟଙ୍କ ସମକ୍ଷରେ ଉପସ୍ଥାପନା କରାଗଲା, ତେବେ ମଧ ସେ ନିଜର ପୂର୍ବ ମତରେ ଅଟଳ ରହିଲେ । ଅପରପକ୍ଷେ ଐତିହାସିକ କେଦାରନାଥ ମହାପାତ୍ର, ପ୍ରଖ୍ୟାତ ଗବେଷକ ଡ଼ଃ ସତ୍ୟନାରାୟଣ ରାଜଗୁରୁ, ଅଧ୍ୟାପକ ଡ଼ଃ କାହ୍ନୁ ଚରଣ ମିଶ୍ର, ଅଧ୍ୟାପକ ଡ଼ଃ ବନମାଳୀ ରଥଙ୍କ ଗବେଷଣାପ୍ରସୂତ ଜ୍ଞାନ ଓ ତଥ୍ୟକୁ ମଧ ଡ଼ଃ ରାଉତରାୟ ମାନିବାକୁ ପ୍ରସ୍ତୁତ ନୁହଁନ୍ତି ।

ବଡ଼ସିଂହାର ବା ବୃହତ୍ ଶୃଙ୍ଗାର ବେଶ ସମୟରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଶ୍ରୀଅଙ୍ଗ ଆଚ୍ଛାଦନ କରାଯାଉଥିଲା, କେନ୍ଦୁଲୀରେ ବୁଣାଯାଉଥିବା ଶ୍ରୀଗୀତଗୋବିନ୍ଦ ଶ୍ଳୋକାବଳୀ ମଣ୍ଡିତ ଖଣ୍ଡୁଆ ବା ଉତ୍ତରୀୟରେ । ପଣ୍ଡିତ ସ୍ୱର୍ଗତ ସଦାଶିବ ରଥ ଶର୍ମାଙ୍କ ମତରେ ଖଣ୍ଡୁଆ ଦେହରେ ଶ୍ରୀଗୀତଗୋବିନ୍ଦ ଶ୍ଳୋକାବଳୀ ବୁଣିବା ଥିଲା ବୟନ ଶିଳ୍ପର ଚରମ ଉତ୍କର୍ଷର ପରିଚାୟକ ।

କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଠାରୁ କନିଷ୍ଠ ଓ ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମାଙ୍କ ପୂର୍ବବର୍ତ୍ତୀ ଦ୍ୱିଜ ଶ୍ରୀଧର ଲେଖିଥିବା 'କାଞ୍ଚନଲତା' କାବ୍ୟରୁ ଜଣାଯାଏ ଯେ, ଶ୍ରୀ ଜୟଦେବଙ୍କ ଜନ୍ମଭୂମି କେନ୍ଦୁଲୀ ବୟନ ଶିଳ୍ପ ପାଇଁ ପ୍ରସିଦ୍ଧି ଲାଭ କରିଥିଲା । ଦ୍ୱିଜ କୁମାରଙ୍କର ବେଶ ବର୍ଣ୍ଣନା କରିବାକୁ ଯାଇ କବି ଶ୍ରୀଧର ଏହି କାବ୍ୟର ପ୍ରଥମ ଛାନ୍ଦରେ ଲେଖିଛନ୍ତି –

**ସହଜେ ଦ୍ୱିଜ ନନ୍ଦିନୀ ତେଜଧାମା କନକ କାନ୍ତି ।**
**କଳା କେନ୍ଦୁଲୀ ଶାଢ଼ୀ ଏ ଭିଡ଼ି ପିନ୍ଧିଛି ମୋତିଦନ୍ତୀ ॥**

ଅଷ୍ଟାଦଶ ଶତାବ୍ଦୀର ପ୍ରାରମ୍ଭ ବେଳକୁ କେନ୍ଦୁଲୀ ଶାଢ଼ୀ ସାରା ଦେଶରେ ଖ୍ୟାତି ଓ ଲୋକପ୍ରିୟତା ଅର୍ଜନ କରିଥିଲା । ଶ୍ରୀଗୀତଗୋବିନ୍ଦର ଲୋକପ୍ରିୟତା ଓଡ଼ିଶାର ବୟନ ଶିଳ୍ପ ଅଭିବୃଦ୍ଧିରେ ଏହିପରି ସହାୟକ ଥିଲା ।

ଗୀତଗୋବିନ୍ଦ ବାନ୍ଧ ଶୁଦ୍ଧ ରେଶମରୁ ତିଆରି ହୁଏ ଏବଂ ବାନ୍ଧ (ଇକାଟ୍) ଶୈଳୀରେ ସଜ୍ଜିତ ହୁଏ । ଗୀତଗୋବିନ୍ଦର ଶ୍ଳୋକ ଲିଖନ ହିଁ ଏହାର ପରିପାଟୀ ହୋଇଥାଏ । ଏହାକୁ କେନ୍ଦୁଲୀ ଶାଢ଼ୀ ଖଣ୍ଡୁଆ ବା ଚଦର ମଧ କୁହାଯାଏ । ପୁରୀର ଶ୍ରୀଜଗନ୍ନାଥ ମନ୍ଦିରରେ ବଳଭଦ୍ର, ଜଗନ୍ନାଥ ଓ ସୁଭଦ୍ରାଙ୍କର ବଡ଼ସିଂହାର ବେଶରେ ଏହା ଲାଗି କରାଯାଏ । ଶ୍ରୀମନ୍ଦିରରେ ଗୀତଗୋବିନ୍ଦ ସେବା ମଧରେ ଗୀତଗୋବିନ୍ଦ ଶାଢ଼ୀ ବା କେନ୍ଦୁଲୀ ଶାଢ଼ୀ ଏକ ମୁଖ୍ୟ ଅଙ୍ଗ । ୧୯୫୬ ମସିହାରେ ପ୍ରକାଶିତ ଓଡ଼ିଶା ଗେଜେଟ୍‌ରେ ଯେଉଁ ଶ୍ରୀମନ୍ଦିରର 'ରେକର୍ଡ଼ ଅଫ ରାଇଟ୍‌ସ୍' ଲିପିବଦ୍ଧ ହୋଇଛି, ସେଥିରେ ୨୬/୨୭ ପୃଷ୍ଠାରେ ଏହା ଦେଖିବାକୁ ମିଳେ । ଅହମ୍ମଦାବାଦର କାଲିକୋ ମିଉଜିୟମ ଅଫ୍ ଟେକ୍ସଟାଇଲ୍ସରେ ଏହାର ନମୁନା ରଖାଯାଇଛି । ସୁଇଜରଲାଣ୍ଡର ବାସ୍‌ଲ ଠାରେ ସ୍ଥିତ ଏଥିନୋଗ୍ରାଫିକ୍ ମିଉଜିୟମ ଏବଂ ଆମେରିକାର ସିଆଟଲ ମିଉଜିୟମ ଆର୍ଟରେ କେନ୍ଦୁଲୀ ଶାଢ଼ୀ ଓ ଖଣ୍ଡୁଆର ପରିପାଟୀର ନମୁନା ରକ୍ଷିତ ଅଛି ।

'ଇକାଟ୍ ଫାବ୍ରିକ୍ସ ଅଫ୍ ଓଡ଼ିଶା ଆଣ୍ଡ ଆନ୍ଧ୍ରପ୍ରଦେଶ' ପୁସ୍ତକରେ ଶ୍ରୀ ବି.ସି. ମହାନ୍ତି ଓ କଲ୍ୟାଣ କୃଷ୍ଣ ଏ କେନ୍ଦୁଲୀ ବାନ୍ଧ ବିଷୟରେ ଲେଖିଛନ୍ତି । ଇ.ଫିଶର, ଶ୍ରୀ ସୀତାକାନ୍ତ ମହାପାତ୍ର ଓ ଶ୍ରୀ ଦୀନାନାଥ ପାଠୀଙ୍କ ଲିଖିତ ଏକ ପୁସ୍ତକରେ ଇକାଟ୍ ବାନ୍ଧ ବୁଣାର କଳା କୌଶଳ ବିଷୟ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି । ଏବର ଓଡ଼ିଶାର ଟିଗିରିଆ ଓ ନୂଆପାଟଣା ଅଞ୍ଚଳର ବୁଣାକାରମାନେ ଏହି ବାନ୍ଧ ବୁଣା କୌଶଳ ସହ କେତେ କାଳରୁ ପରିଚିତ, ଏହା ସଠିକ୍ ଭାବେ କହିହେବ ନାହିଁ । ଗୀତଗୋବିନ୍ଦ ସେବା ପାଇଁ ଗୀତଗୋବିନ୍ଦ ଖଣ୍ଡୁଆର ବ୍ୟବହାର କଥା ମାଦଳାପାଞ୍ଜିରେ ଲିଖିତ ଅଛି । ଏହା ଦ୍ୱାଦଶ ଶତାବ୍ଦୀରେ ଆରମ୍ଭ ହୋଇ ତ୍ରୟୋଦଶ ଓ ଚତୁର୍ଦ୍ଦଶ ଶତାବ୍ଦୀରେ ବିଶେଷ ପ୍ରଚଳିତ ହେଲା ।

ମାଦଳାପାଞ୍ଜି ଅନୁଯାୟୀ ୧୭୧୯ ଖ୍ରୀଷ୍ଟାବ୍ଦ ବେଳକୁ ଆଉ କେନ୍ଦୁଲୀର ତନ୍ତୀମାନେ ଗୀତଗୋବିନ୍ଦ ବାନ୍ଧ

ଯୋଗାଇବାକୁ ଅସମର୍ଥ ହେବାରୁ ତିଗିରିଆର ନୂଆପାଟଣାର ଆଠ ଜଣ ବୁଣାକାରଙ୍କୁ ଏହି ଦାୟିତ୍ୱ ଦିଆଗଲା । ଅଷ୍ଟାଦଶ ଶତାବ୍ଦୀରେ ଢ଼େଙ୍କାନାଳ ଓ ବଡ଼ମ୍ବା ଅଞ୍ଚଳରୁ ବୁଣାକାରମାନେ ଯାଇ ତିଗିରିଆର ନୂଆପାଟଣାରେ ବସବାସ କରି ରହିଲେ । ଟମାସ ମୋଟେଙ୍କ ୧୭୬୬ ମସିହାର ରିପୋର୍ଟରେ ଏକଥା ଉଲ୍ଲେଖ ଅଛି ।

ଗୀତଗୋବିନ୍ଦ ସେବା ଖୋର୍ଦ୍ଧା ରାଜାଙ୍କ ଶାସନ କାଳରେ ପ୍ରାଧାନ୍ୟ ଲାଭ କରିଥିଲା ଏବଂ ମରହଟ୍ଟା ଓ ଇଂରେଜମାନଙ୍କ ଶାସନ କାଳରେ ମଧ୍ୟ ଖ୍ୟାତ ଥିଲା ।

ଏହି ସେବାରେ ବର୍ଷକୁ ଆଠଟି ଗୀତଗୋବିନ୍ଦ ସାଜ ଆବଶ୍ୟକ ହୋଇଥାଏ । ପ୍ରତି ସାଜରେ ବାରହାତରେ ଦେଢ଼ହାତ ତିନୋଟି ଶାଢ଼ୀ, ଛ ହାତରେ ତିନିହାତ ତିନୋଟି ଖଣ୍ଡୁଆ (ଉତ୍ତରୀୟ), ବାରହାତରେ ଅଢ଼େଇହାତ ଚାରିଟି ଫେଟା ଏବଂ ଚବିଶିହାତରେ ଦେଢ଼ହାତ ଦୁଇଟି ଫୁଟା ବା ଫୁଣ୍ଡା ଥାଏ ।

ଦିଅଁମାନେ ଶାଢ଼ୀ ପିନ୍ଧନ୍ତି । ଅଣ୍ଟାରେ ଖଣ୍ଡୁଆ (ଉତ୍ତରୀୟ) ବନ୍ଧାଯାଇ ତଳକୁ ଝୁଲେ । କାନ୍ଧରେ ଫେଟା ପଡ଼େ ଏବଂ ଫୁଟାକୁ ହାତ ଓ ବାହୁରେ ଗୁଡ଼ାଯାଏ । ପ୍ରଭୁ ଜଗନ୍ନାଥ ହଳଦିଆ ରଙ୍ଗର ସାଜ ପିନ୍ଧନ୍ତି, ଯାହା ମୁକ୍ତିର ପ୍ରତୀକ । ମା' ସୁଭଦ୍ରା ନାଲି ରଙ୍ଗର ସାଜ ପିନ୍ଧନ୍ତି, ଯାହା ଶକ୍ତିର ପ୍ରତୀକ ଏବଂ ବଡ଼ ଠାକୁର ବଳଭଦ୍ର ସବୁଜ ରଙ୍ଗର ସାଜ ପିନ୍ଧନ୍ତି, ଯାହା ଜୀବନର ପ୍ରତୀକ ।

'ରେକର୍ଡ଼ ଅଫ ରାଇଟ୍ସ'ରେ ଲେଖା ଅନୁଯାୟୀ ବଡ଼ସିଂହାର ବେଶ ପାଇଁ ଚାଙ୍ଗଡ଼ା ମେକାପ ଗୀତଗୋବିନ୍ଦ ଲେଖା ହୋଇଥିବା ବାରଲାଗି ଶାଢ଼ୀ ଦିଅନ୍ତି । ଗୋଟିଏ ସାଜରେ ଶାଢ଼ୀ, ଖଣ୍ଡୁଆ, ଫେଟା ଓ ଫୁଟା ମିଶାଇ ବାରଟି ଖଣ୍ଡ ରୁହେ । ଏଗୁଡ଼ିକ ଗୀତଗୋବିନ୍ଦର ଗୋଟିଏ ଅଧ୍ୟାୟ ପାଇଁ ଗୋଟିଏ କାମ ବୋଲି ଧରାଯାଏ ।

ସର୍ବପ୍ରଥମେ ନିଜ ଜନ୍ମସ୍ଥାନ ପ୍ରାଚୀ ନଦୀ କୂଳ ଗ୍ରାମ କେନ୍ଦୁଲୀର ବୁଣାକାରମାନଙ୍କୁ ଜୟଦେବ କହିଥିଲେ, ଗୀତଗୋବିନ୍ଦ କାବ୍ୟକୁ କନାରେ ବୁଣି ଲେଖିବା ପାଇଁ । କୌଣସି କାରଣରୁ ଜୟଦେବ ଗୋଟିଏ ରାତିରେ କେନ୍ଦୁଲୀ ଖଣ୍ଡୁଆ ବୁଣାଇ ଜଗନ୍ନାଥଙ୍କୁ ଅର୍ପଣ କରିବାର ଥାଏ । ବୁଣାକାରମାନେ କହିଲେ, ଯେତେବେଳେ ରାତିସାରା ସେମାନେ ଲୁଗା ବୁଣୁଥିବେ, ଜୟଦେବ ତାଙ୍କୁ ଗୀତଗୋବିନ୍ଦ ଗାଇ ଶୁଣାଉଥିବେ । ସପ୍ତମ ସର୍ଗ ପାଠ କଲାବେଳେ ଜୟଦେବ ଅତ୍ୟନ୍ତ ଭାବାବେଶରେ ସମାଧିସ୍ଥ ହୋଇଗଲେ ଏବଂ ତାଙ୍କର ଗୀତ ଗାଇବା ବନ୍ଦ ହୋଇଗଲା । ବୁଣାକାରମାନେ ଲୁଗା ବୁଣିବା ବନ୍ଦ କରିଦେବାକୁ ବସିଲେ । ଠିକ୍ ଏତିକି ବେଳେ ଆଉ ଜଣେ ସହାସ୍ୟବଦନ ସାଧୁ ଗିନି ବଜାଇ ବଜାଇ ସେଠାରେ ପହଞ୍ଚିଲେ । ସେ ବୁଣାକାରମାନଙ୍କୁ କହିଲେ 'କାମ ବନ୍ଦ କର ନାହିଁ । ମୁଁ ଜୟଦେବଙ୍କ ସାନ ଭାଇ । ମୋର ଗୀତଗୋବିନ୍ଦ ମୁଖସ୍ଥ । ତୁମେ ପବିତ୍ର ଲୁଗାବୁଣା ଚାଲୁରଖ । ମୁଁ ଗୀତଗୋବିନ୍ଦ ଗାଉଛି ।'

ଜୟଦେବ ସମାଧିରୁ ଉଠିଲା ପୂର୍ବରୁ ସାଧୁ ଚାଲିଗଲେ । ବୁଣାକାରମାନେ ଜୟଦେବଙ୍କୁ ତାଙ୍କ ସାନଭାଇ ସାଧୁଙ୍କ କଥା କହିଲେ । ଜୟଦେବ କହିଲେ, 'ମୋର କେହି ସାନଭାଇ ନାହାନ୍ତି । ପଦ୍ମାବତୀ ଓ ମୋ' ବ୍ୟତୀତ ଗୀତଗୋବିନ୍ଦ କେହି ଜାଣନ୍ତି ନାହିଁ ।' ସାଧୁ ଯେଉଁ ପଦଟି ବୋଲୁଥିଲେ, ବୁଣାକାରମାନେ ଜୟଦେବଙ୍କୁ ସେହି ପଦଟି ବୁଣି ଦେଖାଇଲେ ।

**କଂସାରିରପି ସଂସାରବାସନାବଦ୍ଧଶୃଙ୍ଖଳମ୍**
**ରାଧାମାଧବହୃଦୟେ ତତ୍ୟାଜ ବ୍ରଜସୁନ୍ଦରୀ**

ଜୟଦେବ କହିଲେ, 'ମୋ ଅନୁପସ୍ଥିତିରେ ମହାପ୍ରଭୁ ଜଗନ୍ନାଥ ଏହା ତୁମକୁ ବୋଲି ଶୁଣାଇଲେ । ତୁମେମାନେ ମହାଭକ୍ତ । କାରଣ ଭଗବାନଙ୍କୁ ନିଜ ଆଖିରେ ଦେଖିଲ ଓ ତାଙ୍କ ମୁହଁରେ ଗୀତ ବି ଶୁଣିଲ' । ସମସ୍ତ କେନ୍ଦୁଲୀର ବୁଣାକାରମାନଙ୍କୁ ଜୟଦେବ ଭକ୍ତିଭରା ପ୍ରଣାମ ଜଣାଇଲେ । ଗୀତଗୋବିନ୍ଦ ଖଣ୍ଡୁଆ ଓ ଭକ୍ତ ଜୟଦେବ ଜଗନ୍ନାଥଙ୍କର କେତେ ପ୍ରିୟ ଥିଲେ, ଏ କିମ୍ବଦନ୍ତୀ ତା'ର ପ୍ରମାଣ । ଖଣ୍ଡୁଆ ତିଆରି ନ ସରିଲେ କେବଳ ସାଧାରଣରେ ଜୟଦେବ ଅପଦସ୍ଥ ହୋଇଥାନ୍ତେ, ତା' ନୁହେଁ, ଜଗନ୍ନାଥ ମଧ୍ୟ ଖଣ୍ଡୁଆ ପିନ୍ଧି ପାରି ନଥାନ୍ତେ । ତେଣୁ ଭକ୍ତର ମାନରକ୍ଷା ପାଇଁ ଭଗବାନ ସ୍ୱଦେହରେ ଆସି ଗୀତଗୋବିନ୍ଦ ବୋଲିଥିଲେ ।

ଐତିହାସିକ ବ୍ୟକ୍ତି, ବିଶେଷତଃ ରାଜା ମହାରାଜା ଓ ଭକ୍ତମାନଙ୍କ ଜୀବନୀରେ ସେମାନଙ୍କ ମାହାତ୍ମ୍ୟ ପ୍ରଚାର ପାଇଁ ଅନେକ କିମ୍ବଦନ୍ତୀ ଯୋଡ଼ାଯାଇଥାଏ । କିମ୍ବଦନ୍ତୀର ଅବାସ୍ତବିକତାକୁ ଯଦି କେହି ଭିତ୍ତି କରି ଐତିହାସିକ ବ୍ୟକ୍ତିଙ୍କର ଜୀବନୀକୁ ଅବିଶ୍ୱାସ କରେ, ତେବେ ତାହା ମୂର୍ଖତା ଛଡ଼ା ଆଉ କିଛି ନୁହେଁ । ଓଡ଼ିଶାର କେନ୍ଦୁଲୀର ବୟନ ଶିଳ୍ପର ଉତ୍କର୍ଷତା ମାଦଳାପାଞ୍ଜି ଓ ବିଭିନ୍ନ କାବ୍ୟରେ ସ୍ୱୀକୃତ । ଶ୍ରୀ ଜୟଦେବଙ୍କ ରଚିତ ଗୀତଗୋବିନ୍ଦର ପଦ ସଜ୍ଜିତ ଖଣ୍ଡୁଆ ଯେ ବଙ୍ଗର ବୀରଭୂମି ଜିଲ୍ଲାର କେନ୍ଦୁଲୀରେ ବୁଣା ହୋଇ ପୁରୀ ମନ୍ଦିରକୁ ତ୍ରୟୋଦଶ ଶତାବ୍ଦୀ ଠାରୁ ଆସୁଥିଲା ଏବଂ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ବର୍ଣ୍ଣିତ କେନ୍ଦୁଲୀ ଶାଢ଼ୀ ମଧ୍ୟ ବଙ୍ଗରୁ ଓଡ଼ିଶାର ବିଭିନ୍ନ ରାଜକୁମାରୀଙ୍କ ନିମନ୍ତେ ଆସୁଥିଲା, ଏକଥା ହୁଏତ ମହାକବି ଡ଼ଃ ଶ୍ରୀ ସଚ୍ଚିଦାନନ୍ଦ ରାଉତରାଙ୍କ ପକ୍ଷେ ବିଶ୍ୱାସ କରିବା ସହଜ ହୋଇପାରେ । କିନ୍ତୁ ବିନୟାବନତ ଲେଖକ ଏକଥା ଆଦୌ ବିଶ୍ୱାସ କରିବାକୁ ପ୍ରସ୍ତୁତ ନୁହେଁ । ମତାମତ ପାଠକମାନଙ୍କ ଉପରେ ଛାଡ଼ି ଦେବା ହିଁ ଶ୍ରେୟସ୍କର ।

❒❒❒

**ଅର୍ଥ ସଚିବ, ସଚିବାଳୟ, ଭୁବନେଶ୍ୱର**